Chapter-11

# ଅନୁସ୍ୱାର ଯୋଗ

## STUDY NOTES

- **At a Glance:**

  ଅନୁସ୍ୱାର ( ଂ ) ମାତ୍ରାର ଚିହ୍ନଟ।

  'କ' ପାଖରେ (ଂ) ଚିହ୍ନଟିଏ ଦେଲେ ତାହା 'ଅନୁସ୍ୱାର' ଯୋଗ ହେବ। ଏହିଭଳି 'କ' ଠାରୁ 'ଳ' ପର୍ଯ୍ୟନ୍ତ (ଂ) ଚିହ୍ନ ଦେଲେ ତାହା-

| | | | | | | | | | | |
|---|---|---|---|---|---|---|---|---|---|---|
| କଂ | ଖଂ | ଗଂ | ଘଂ | ଚଂ | ଛଂ | ଜଂ | ଝଂ | ଟଂ | ଠଂ | ଡଂ |
| ଢଂ | ଣଂ | ତଂ | ଥଂ | ଦଂ | ଧଂ | ନଂ | ପଂ | ଫଂ | ବଂ | ଭଂ |
| ମଂ | ଯଂ | ରଂ | ଲଂ | ଶଂ | ଷଂ | ସଂ | ହଂ | କ୍ଷଂ | ୟଂ | ଳଂ |

  ଉଚ୍ଚାରଣ ହେବ।

- **ଅନୁସ୍ୱାର ଯୋଗ ଅକ୍ଷର ଲିଖନ।**

  ଯଥା:- କ୍ + ଂ = କଂ

  ଖ୍ + ଂ = ଖଂ

- **ଅନୁସ୍ୱାର ଯୋଗ ଶବ୍ଦଗଠନ ଓ ଉଚ୍ଚାରଣ।**

| | | |
|---|---|---|
| ହଂସ | ସଂସାର | ସିଂହାସନ |
| କଂସା | ଅଂଶୁପା | ବଂଶୀଧର |
| ଅଂଶ | ସଂଳାପ | ଅଂଶଧନ |
| ବଂଶ | ଅହିଂସା | ଅଂଶୁମାଳୀ |
| ବିଂଶ | ସଂସଦ | ହିଂସାଭାବ |
| ମାଂସ | ସଂଗୀତ | ମାଂସାହାରୀ |
| ବଂଶୀ | ଦଂଶନ | ଅଂଶୁମାନ |
| ସିଂହ | ସଂହାର | |

- **ଗୀତ ମାଧ୍ୟମରେ (ଂ) ଯୋଗର ପ୍ରୟୋଗ।**

ଅସଂଯତ ହୋଇ ସିଂହ ଯାଉଥିଲା

ନାଗଟିଏ ଦେଲା ଦଂଶି,

ଦଂଶନ ସଂବାଦ ଶୁଣି ବଂଶୀଧର

ଆସି ବଜାଇଲା ବଂଶୀ।

ବଂଶୀନାଦ ଶୁଣି ଅଂଶୁପାର ନାଗ ଆସି,

ସିଂହ ଦେହୁ ବିଷତକ ନେଲା ଶୋଷି।

ହିଂସା ଛାଡ଼ି ଅହିଂସା ବାଟରେ ଚଳିବାକୁ

ବଂଶୀଧର ନିଜେ ବୁଝାଇଲେ ଉଭୟକୁ।

- **ଗପ ମାଧ୍ୟମରେ 'ଆମ ଜାତୀୟ ପଶୁ'ରେ ଅନୁସ୍ୱାର (ଂ) ଯୋଗର ପ୍ରୟୋଗ।**

'ସିଂହ ଆମର ଜାତୀୟ ପଶୁ ................ ବାଘ ଆମର ଜାତୀୟ ପଶୁ।'

- **Learning Objective:**

ଅନୁସ୍ୱାର (ଂ) ଯୋଗର ବ୍ୟବହାର ଶିଖିବା।

# ତୁମ ପାଇଁ କାମ

## ୧. ଅନୁସ୍ୱାର (ଂ) ଦେଇ ନୂଆ ଶବ୍ଦ ଗଢ଼ ।

ମାସ - ମାଂସ

ବର - ବରଂ

ହସ - ହଂସ

କସା - କଂସା

ବଶ - ବଂଶ

କସ - କଂସ

## ୨. ସଜାଇ ଲେଖ ।

ସାସଂର - ସଂସାର

ପାଅଂଶୁ - ଅଂଶୁପା

ହିଂଅସା - ଅହିଂସା

ଲାସଂପ - ସଂଲାପ

ହାସିଂସନ- ସିଂହାସନ

ଶୁଅଂମାଳୀ- ଅଂଶୁମାଳୀ

ନଶଅଂଧ- ଅଂଶଧନ

ଶୀବଂଧର- ବଂଶୀଧର

## ୩. ଇଂରାଜୀରୁ ଓଡ଼ିଆ କର ।

Meat - ମାଂସ

News - ସଂବାଦ

Non-Violence - ଅହିଂସା

Throne - ସିଂହାସନ

**୪. କବିତାଟି ପଢ଼ି ଖାଲି ଜାଗା ପୂରଣ କର।**

'ବଂଶୀନାଦ ଶୁଣି ଅଂଶୁପାର ନାଗ ଆସି,

ସିଂହ ଦେହୁ ବିଷତକ ନେଲା ଶୋଷି।'

**୫. ଉତ୍ତର କୁହ ଓ ଲେଖ।**

କ) କିଏ ଆମର ଜାତୀୟ ପଶୁ ଥିଲା ?

ଉ: ସିଂହ ଆମର ଜାତୀୟ ପଶୁ ଥିଲା।

ଖ) କ'ଣ ଶୁଣି ନାଗ ଆସିଲା ?

ଉ: ବଂଶୀନାଦ ଶୁଣି ନାଗ ଆସିଲା।

ଗ) ବଂଶୀଧର ନାଗ ଓ ସିଂହକୁ କେଉଁ ବାଟରେ ଚଳିବାକୁ କହିଲା ?

ଉ: ହିଂସା ଛାଡ଼ି ଅହିଂସା ବାଟରେ ଚଳିବାକୁ ବଂଶୀଧର ନାଗ ଓ ସିଂହକୁ କହିଲା।

ଘ) ଏବେ ଆମର ଜାତୀୟ ପଶୁ କିଏ ?

ଉ: ଏବେ ବାଘ ଆମର ଜାତୀୟ ପଶୁ।

## ଶବ୍ଦାବଳୀ:

■ **ଅକ୍ଷର ଯୋଡ଼ି ଶବ୍ଦ ଗଢ଼।**






ଦଂଶନ

ସିଂହାସନ

ଅଂଶଧନ

ଅଂଶୁମାନ

## ବ୍ୟାକରଣ:

- **ବିପରୀତ ଶବ୍ଦ ଲେଖ ।**

ହିଂସା - ଅହିଂସା

ବିଚାର - ଅବିଚାର

ପରାଜିତ - ଅପରାଜିତ

ଅଳପ - ବହୁତ

ବିଷ - ଅମୃତ

ରୁଚି - ଅରୁଚି

ଆଶା - ନିରାଶା

ବଢ଼ିବା - କମିବା

ଉପକାରୀ - ଅପକାରୀ

ଆଗୁଆ - ପଛୁଆ

ସମାନ - ଅସମାନ

ସାଧୁ - ଅସାଧୁ

♦♦♦